# ୯ରୁ ନାଇଜରରେ ଉଦ୍ଭିଦ ବିଜ୍ଞାନ ସମ୍ମିଳନୀ

ଜଟଣୀ, ୩/୧(ଇମିସ): ଜଟଣୀସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ନାଇଜର)ରେ ଆସନ୍ତା ୯ ତାରିଖରୁ ଅନୁଷ୍ଠିତ ହେବାକୁ ଯାଉଛି ୧୧ତମ ଏମ୍ବୋ-ଆଇଏସପିପି ଉଦ୍ଭିଦ ବିଜ୍ଞାନ ସମ୍ମିଳନୀ। ୪ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀରେ ଗଛ ଉପରେ ଆଲୋକ ଓ ଉତ୍ତାପର ପ୍ରଭାବ ଏବଂ ଆଲୋକର ବ୍ୟବହାରରେ ଉଦ୍ଭିଦ ତଥା କୃଷିର ଉନ୍ନତି ସମ୍ପର୍କରେ ଆଲୋଚନା କରାଯିବ ବୋଲି ଆଜି ନାଇଜର ବୋର୍ଡ ରୁମ୍‌ରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ୨୦୦୧ ମସିହାରେ ଆମେରିକାରୁ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ସମ୍ମିଳନୀର ୧୧ତମ ସମ୍ମିଳନୀକୁ ଓଡ଼ିଶାର ନାଇଜରଠାରେ ଅୟୋଜନ କରିବାକୁ ସ୍ଥିର କରାଯାଇଛି। ସମ୍ମିଳନୀରେ ୪ଟି ମହାଦେଶ ଏସିଆ, ଉତ୍ତର ଆମେରିକା, ଦକ୍ଷିଣ ଆମେରିକା ଓ ୟୁରୋପରୁ ୮୮ଜଣ ଉଦ୍ଭିଦ ବୈଜ୍ଞାନିକ ଯୋଗଦେବା ସହ କେବଳ ଭାରତରୁ କେବଳ ୨୦୦ରୁ ଊର୍ଦ୍ଧ୍ୱ ଉଦ୍ଭିଦ ବୈଜ୍ଞାନିକ ଯୋଗଦେଇ ଆଲୋଚନା କରିବେ।

**ଯୋଗଦେବେ ୪ ମହାଦେଶରୁ ୮୮ ବୈଜ୍ଞାନିକ**

ସମ୍ମିଳନୀକୁ ଜର୍ମାନୀର ଏମ୍ବୋ, ଭାରତର ପରମାଣୁ ଉର୍ଜା ବିଭାଗ, ନାଇଜର, ଭାରତୀୟ କୃଷି ଗବେଷଣା କାଉନସିଲ୍‌, ସିଏସ୍‌ଆଇଆର, ଏସ୍‌ଇଆରବି, ଡିବିଟି ଓ ଇନ୍‌ସା ଆଦି ଅନୁଷ୍ଠାନ ଆୟୋଜନ କରିବା ପାଇଁ ସହଯୋଗର ହାତ ବଢ଼ାଇଛନ୍ତି। ଅନ୍ତର୍ଜାତୀୟସ୍ତରରେ ଏହି ସ୍ୱତନ୍ତ୍ର ସମ୍ମିଳନୀ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ନାଇଜରର କୁଳସଚିବ ଅଭୟ ନାୟକ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ନାଇଜରର ନିର୍ଦ୍ଦେଶକ ପ୍ରଫେସର ହିରେନ୍ଦ୍ର ନାଥ ଘୋଷ, ଆବାହକ କିଶୋର ଚନ୍ଦ୍ର ପାଣିଗ୍ରାହୀ, ସହ ଆବାହକ ପ୍ରଫେସର ଚନ୍ଦନ ଗୋସ୍ୱାମୀ ଉପସ୍ଥିତି ଥିଲେ।



Article published in: *The Sambad*
04.01.2024, Bhubaneswar
Edition, Page-14




SAMBAD
ସମ୍ବାଦ